MARKETS TODAY — ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 45,079.55 +446.90 (+ 1.00%) |
| NIFTY | 13,258.55 +124.65 (+ 0.95%) |
| ସୁନା 24K (MCX) (Rs/10g.) | 50,940.00 |

ଟଙ୍କାର ବିନିମୟ ମୂଲ୍ୟ

1 Dollar = Rs. 73.71

### ନୌସେନା ପ୍ରମୁଖ କରମବୀର ସିଂହଙ୍କ ଦୃଢ଼ୋକ୍ତି

# ଚୀନ୍ ଓ କରୋନା ବିରୋଧରେ ଲଢ଼ିବାକୁ ନୌସେନା ସର୍ବଦା ପ୍ରସ୍ତୁତ



- ଡ୍ରାଗନ ନୌସେନା ଉପରେ ଆମର ରହିଛି ତୀକ୍ଷ୍ଣ ଦୃଷ୍ଟି
- ୨ ଆମେରିକୀୟ ପ୍ରିଡେଟର ଡ୍ରୋନ ଆଖିରୁ ବର୍ତ୍ତିପାରିବନି ଡ୍ରାଗନ

ନୂଆଦିଲ୍ଲୀ ୪/୧୨: କରୋନା ମହାମାରୀ ସହିତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି)ରେ ଚୀନର ବ୍ୟବହାର ଦେଶ ପାଇଁ ନୂତନ ଆହ୍ୱାନ ସୃଷ୍ଟି କରିଛି । ତେବେ ଉଭୟ ଚୀନ ଓ କରୋନାର ମୁକାବିଲା କରିବାକୁ ଭାରତୀୟ ନୌସେନା ସଦା ସର୍ବଦା ପ୍ରସ୍ତୁତ ରହିଛି ବୋଲି ନୌସେନା ପ୍ରମୁଖ ଆଡମିରାଲ କରମବୀର ସିଂହ ନୌସେନା ଦିବସ ଉପଲକ୍ଷେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସ୍ଥଳ ସେନା ଓ ବାୟୁ ସେନା ସହ ସମନ୍ୱୟ ରଖି ଭାରତୀୟ ନେସେନା କାର୍ଯ୍ୟ କରୁଛି ବୋଲି ଆଡମିରାଲ୍ ମୁଖ୍ୟ କରମବୀର ସିଂହ କହିଛନ୍ତି । ଭାରତୀୟ ମହାସାଗର କ୍ଷେତ୍ରରେ ଚୀନ ପକ୍ଷରୁ ମିଳୁଥିବା ଚ୍ୟାଲେଞ୍ଜକୁ ସାମ୍ନା କରିବା ପାଇଁ ନୌସେନା ପାଖରେ ମାନକ ସଂଚାଳନ ପ୍ରକ୍ରିୟା ଅଛି । ଏହା ସହ ଲିଜ୍‌ରେ ନିଆଯାଇଥିବା ଦୁଇଟି ପ୍ରିଡେଟର ଡ୍ରୋନ୍ ଆମକୁ ପାଟ୍ରୋଲିଂ କରିବାରେ ସହୟତା କରୁଛି ଓ ଏହି ଡ୍ରୋନ ଆଖିରୁ ବଙ୍ଗୋପ ଓ ଭାରତ ମହାସାଗରରେ ଡ୍ରାଗନର ନୌସେନାର ପ୍ରତିଟି ଗତିବିଧି ଉପରେ ଭାରତୀୟ ନୌସେନା ତୀକ୍ଷ୍ଣ ଦୃଷ୍ଟି ରଖିଛି ବୋଲି ଆଡମିରାଲ କରମବୀର ସିଂହ କହିଛନ୍ତି । ବିଶେଷ କରି ଆମେରିକା ଠାରୁ ଲିଜ୍ ସୂତ୍ରରେ ଅଣାଯାଇଥିବା ଏହି ଡ୍ରୋନ ହେତୁ ଏବେ ଭାରତୀୟ ନୌସେନାର ମହାସାଗରରେ ପାଟ୍ରୋଲିଂ କରିବାର କ୍ଷମତା ୨୪ ଘଣ୍ଟା ହୋଇପାରିଛି । ସେହିପରି ସ୍ଥଳ ସେନା ଓ ବାୟୁ ସେନାର ଆବଶ୍ୟକତାକୁ ନଜରରେ ରଖି ନୌସେନା ବିଭିନ୍ନ ସ୍ଥାନରେ ପି-୮ ଆଇ ବିମାନ ନିୟୋଜିତ କରିଛି । ଉତ୍ତର ସୀମାରେ ହେରୋନ ପାଟ୍ରୋଲିଂ ଡ୍ରୋନ୍ ନିୟୋଜିତ କରାଯାଇଛି । ଏବେ ଭାରତୀୟ ମହସାଗର କ୍ଷେତ୍ରରେ ଚୀନ ୩ଟି ଯୁଦ୍ଧପୋତ ନିୟୋଜିତ କରିଛି । ୨୦୦୮ରୁ ଚୀନ ନିଜର ଯୁଦ୍ଧ ଜାହାଜ ପାଇଁ ଅଂଚଳ ସ୍ଥିର କରିଥିବା ଆଡମିରାଲ୍ କରମବୀର ସିଂହ କହିଛନ୍ତି ।

### ଜାନୁଆରୀ ପହିଲାରୁ ବଦଳିବ ପାଣି ବୋତଲ ପାଇଁ ନିୟମ,

## ବଦଳିପାରେ ପାନୀୟ ଜଳର ସ୍ୱାଦ



ନୂଆଦିଲ୍ଲୀ, ୪/୧୨ (ଏଜେନ୍ସି) : ବଜାରରେ ମିଳୁଥିବା ପାଣିର ସ୍ୱାଦ ପରିବର୍ତ୍ତନ ହେବାକୁ ଯାଉଛି । ପ୍ୟାକେଜଡ୍ ଡ୍ରିଙ୍କିଙ୍ଗ ଓ୍ୱାଟର ସ୍ୱାଦ ପରିବର୍ତ୍ତନ ହେବାକୁ ଥିବା ନେଇ ନୂଆ ଗାଇଡ୍ଲାଇନ୍ ଜାରି କରିଛି ଫୁଡ୍ ସେଫ୍ଟି ଷ୍ଟାଣ୍ଡାର୍ସ ଅଥୋରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) । ଜାନୁଆରୀ ପହିଲାରୁ ଏହି ନିୟମ ଲାଗୁ ହେବ । ଏଫ୍‌ଏସ୍‌ଏସ୍‌ଏଆଇର ଗାଇଡ୍ଲାଇନ୍ ଅନୁସାରେ ବୋତଲ ପାଣି ପ୍ରସ୍ତୁତ କରୁଥିବା କମ୍ପାନୀ ପ୍ୟାକେଜ୍ଡ ଓ୍ୱାଟର ପ୍ରସ୍ତୁତ କରିବେ । ତେବେ କମ୍ପାନୀଗୁଡ଼ିକ ଏହି ନିୟମ ବହୁ ଆଗରୁ ମାନିବାକୁ ଥିଲା । କିନ୍ତୁ ବହୁ ବିଚାର ବିମର୍ଶ ପରେ ଏହାକୁ ବାଧ୍ୟତାମୂଳକ କରିଛି ଏଫ୍‌ଏସ୍‌ଏସ୍‌ଏଆଇ ।

ମନିକଂଟ୍ରୋଲ୍.କମ୍‌ରେ ପ୍ରକାଶିତ ଖବର ଅନୁସାରେ ଏଫ୍‌ଏସ୍‌ଏସ୍‌ଏଆଇ ଗାଇଡ୍ଲାଇନ୍ ଅନୁସାରେ ପ୍ୟାକେଜ୍ଡ ପାଣି ତିଆରି କରୁଥିବା କମ୍ପାନୀ ୧ ଲିଟର ପାଣି ବୋତଲରେ ୨୦ ମିଲିଗ୍ରାମ୍ କ୍ୟାଲ୍ସିୟମ୍ ଓ ୧୦ ମିଲିଗ୍ରାମ୍ ମ୍ୟାଗ୍ନେସିୟମ ମିଶାଇବେ । ମିନେରାଲ୍ସ ସ୍ୱାସ୍ଥ୍ୟ ପାଇଁ ହିତକର । ତେଣୁ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ପ୍ୟାକେଜିଂ ପାଣିରେ ଖାସ ମିନେରାଲ୍ସ ମିଶାଇବାକୁ ଏଫ୍‌ଏସ୍‌ଏସ୍‌ଏଆଇକୁ କହିଥିଲେ ।

ଏନଜିଟି ୨୯ ମେ ୨୦୧୯ରେ ନିର୍ଦ୍ଦେଶ ଜାରି କରିଥିଲେ । ଏହାକୁ ଲାଗୁ କରିବା ପାଇଁ କମ୍ପାନୀଗୁଡ଼ିକୁ ଦୁଇ ଥର ସମୟ ମଧ୍ୟ ଦିଆଯାଇଛି । କିନ୍ତୁ ଏଥର କମ୍ପାନୀ ଆଉ ସମୟ ମାଗିପାରିବେ ନାହିଁ । ଏବେ ସରକାର ୩୧ ଡିସେମ୍ବର ୨୦୨୦ ଡେଡ୍ଲାଇନ୍ ଧାର୍ଯ୍ୟ କରିଛନ୍ତି । ଭାରତୀୟ ବଜାରରେ ଅନେକ କମ୍ପାନୀ ପ୍ୟାକେଜିଂ ଓ୍ୱାଟର ବିକ୍ରୟ କରୁଛନ୍ତି । ଭାରତରେ ପ୍ରତି ବର୍ଷ ୩୦୦୦ କୋଟି ଟଙ୍କାର ପ୍ୟାକେଜ୍ଡ ପାଣି ବିକ୍ରି ହେଉଛି । ବିଭନ୍ନ କମ୍ପାନୀ ୫୦୦ ଏମଏଲ୍, ୨୫୦ ଏମଏଲ୍, ୧ ଲିଟର, ୧୫-୨୦ ଲିଟର ପାଣି ବୋତଲ୍ ବିକ୍ରି କରୁଛନ୍ତି । କିନ୍ତୁ ବଜାରରେ ୪୨ ପ୍ରତିଶତ କେବଳ ୧ ଲିଟର ପାଣି ବୋତଲ ବିକ୍ରି ହେଉଥିବା ଜଣାପଡ଼ିଛି ।

### କାନାଡା ପ୍ରଧାନମନ୍ତ୍ରୀ ଟ୍ରୁଡୋଙ୍କୁ ଏସ୍.ଜୟଶଙ୍କରଙ୍କ ପୁଣି ଚେତାବନୀ

# ଆମର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ପୂରାଇବା ବନ୍ଦ କର

☛ ଚାଷୀ ଆନ୍ଦୋଳନକୁ ସମର୍ଥନ କରିବାରୁ କାନାଡା ଉପରେ ବୈଦେଶିକ ମନ୍ତ୍ରାଳୟ ଖପ୍ପା

ନୂଆଦିଲ୍ଲୀ, ୪/୧୨ (ଏଜେନ୍ସି) : କେନ୍ଦ୍ରର ମୋଦୀ ସରକାରଙ୍କ ଦ୍ୱାରା ଆଗତ ସଂଶୋଧିକ କୃଷି ଆଇନ୍‌କୁ ବିରୋଧ କରି ଏବେ ରାଜଧାନୀ ଦିଲ୍ଲୀ ଓ ପଞ୍ଜାବରୁ ଲକ୍ଷ ଲକ୍ଷ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଦୀର୍ଘ ୯ ଦିନ ହେବ ଏହି ଚାଷୀମାନେ ନିଜର ପରିବାରବର୍ଗ ସହିତ ରାଜରାସ୍ତାରେ ଧାରଣା ଦେଇ ଆନ୍ଦୋଳନ କରୁଛନ୍ତି । ଚାଷୀଙ୍କୁ ମନାଇବା ଲାଗି କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଚାଷୀ ପ୍ରତିନିଧିଙ୍କ ସହିତ ବୈଠକ ଉପରେ ବୈଠକ କରିଚାଲିଛନ୍ତି । ଆସନ୍ତା ୫ ତାରିଖ ପୁଣି ଥରେ ଚାଷୀ ପ୍ରତିନିଧିଙ୍କ ସହିତ କେନ୍ଦ୍ର କୃଷିମନ୍ତ୍ରୀ ସମସ୍ୟାର ସମାଧାନ ଲାଗି ଆଲୋଚନା କରିବେ । ତେବେ ଭାରତରେ ଚାଲିଥିବା କୃଷି ଆନ୍ଦୋଳନକୁ ତେଜାଇବା ଲାଗି କେତେକ ବିଦେଶୀ ରାଷ୍ଟ୍ର ଏବେ ହୀନ କୁଚକ୍ରାନ୍ତ ଆରମ୍ଭ କରିଦେଇଛନ୍ତି । ଏହି ଆନ୍ଦୋଳନ ରୂପ ନିଆଁରେ ଘିଅ ଢାଳିବା ଭଳି ମନ୍ତବ୍ୟ ଦେଇଛନ୍ତି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ । ସେ ତାଙ୍କ ମନ୍ତବ୍ୟରେ ଚାଷୀ ଆନ୍ଦୋଳନକୁ ସମର୍ଥନ କରି କହିଛନ୍ତି ଯେ, ଭାରତରେ ଋଷୀମାନଙ୍କ ଦ୍ୱାରା ଆନ୍ଦୋଳନ କରାଯାଉଥିବା ଖବର ଆସିଛି । ସ୍ଥିତି ଚିନ୍ତାଜନକ, ଆମେ ମାନେ ଆମ ପରିବାର ଏବଂ ବନ୍ଧୁ ପରିଜନଙ୍କୁ ନେଇ ଚିନ୍ତାରେ ଅଛୁ । ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ରକ୍ଷା ପାଇଁ କାନାଡା ସର୍ବଦା ଛିଡା ହୋଇଛି । ଯାହାକୁ ନେଇ ବୈଦେଶିକ ମନ୍ତ୍ରାଳୟ କାନାଡା ଉପରେ ଭୀଷଣ ଖପ୍ପା ହୋଇଛି । ଚାଷୀ ଆନ୍ଦୋଳନ ଆମର ଆଭ୍ୟନ୍ତରୀଣ ବ୍ୟାପାର ଏଥିରେ ମୁଣ୍ଡ ପୂରାଇବା ପ୍ରଧାନମନ୍ତ୍ରୀ ଟ୍ରୁଡୋ ବନ୍ଦ କରନ୍ତୁ ବୋଲି ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ପୁଣି ଥରେ ଟ୍ରୁଡୋଙ୍କୁ ନୂଆଦିଲ୍ଲୀସ୍ଥିତ କାନାଡା ଉଚ୍ଚାୟୁକ୍ତଙ୍କ ଜରିଆରେ କଡ଼ା ଚେତାବନୀ ଦେଇଛନ୍ତି । ଏହି ପ୍ରସଙ୍ଗରେ କାନାଡା ଉଚ୍ଚାୟୁକ୍ତଙ୍କୁ ଋଷୀଙ୍କ ମୁଦ୍ଦାକୁ ନେଇ କାନାଡା ନେତାମାନଙ୍କର ଟିପ୍ପଣୀ ଆଦୌ ଗ୍ରହଣୀୟ ନୁହେଁ ଏବଂ ସେମାନେ ଭାରତର ଆଭ୍ୟନ୍ତରୀଣ ମାମଲାରେ ଅସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ଭାରତୀୟ ବିଦେଶ ମନ୍ତ୍ରାଳୟ କହିଛି ।

ପ୍ରକାଶ୍ୟ ଯେ, ଗୁରୁ ନାନକ ଦେବଙ୍କ ୫୫୧ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ଅନଲାଇନ କାର୍ଯ୍ୟକ୍ରମ ଜରିଆରେ ଜଷ୍ଟିନ୍ ଟ୍ରୁଡୋ କହିଥିଲେ, ଭାରତରେ ଋଷୀମାନଙ୍କ ଦ୍ୱାରା ଆନ୍ଦୋଳନ କରାଯାଉଥିବା ଖବର ଆସିଛ । ସ୍ଥିତି ଚିନ୍ତାଜନକ,



ଆମେମାନେ ଆମ ପରିବାର ଏବଂ ବନ୍ଧୁ ପରିଜନଙ୍କୁ ନେଇ ଚିନ୍ତାରେ ଅଛୁ । ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ରକ୍ଷା ପାଇଁ କାନାଡା ସର୍ବଦା ଛିଡା ହୋଇଛି ବୋଲି ସେ ତାଙ୍କ ବୟାନରେ କହିଥିଲେ ଯାହାକୁ ନେଇ ଭାରତର ବିଦେଶ ମନ୍ତ୍ରାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି ।

### ଏଲ୍‌ଜେପିରେ ଗୋଷ୍ଠୀକନ୍ଦଳ ତୀବ୍ର; ଚିରାଗଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ

# ଆଉ ନୁହେଁ; ଗଢିବୁ ନୂଆ ଦଳ : ରାଜ୍ୟ ସାଧାରଣ ସମ୍ପାଦକ



ପାଟନା, ୪/୧୨ (ଏଜେନ୍ସି) : ଗତ ନଭେମ୍ବର ମାସରେ ବିହାରରେ ସଂଗଠିତ ବିଧାନସଭା ନିର୍ବାଚନରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଏହାକୁ ନେଇ ଦଳ ଭିତରେ ଲୋକ ଜନପାର୍ଟି (ଏଲ୍‌ଜେପି)ର ମୁଖ୍ୟ ତଥା ଏହାର ସଂସ୍ଥାପକ ସ୍ୱର୍ଗତ ରାମବିଳାଶ ପାଶଓ୍ୱାନଙ୍କ ସୁପୁତ୍ର ଚିରାଗ ପାଶଓ୍ୱାନଙ୍କ ବିରୁଦ୍ଧରେ ଦଳ ଭିତରୁ ସ୍ୱର ଉତ୍ତୋଳନ ଆରମ୍ଭ ହୋଇଯାଇଛି । ଏପରିକି ଏଲ୍‌ଜେପି ଠାରୁ ଅଲଗା ହୋଇ ନୂତନ ଗଡ଼ ତୋଳିବୁ ବୋଲି ଏଲ୍‌ଜେପିର ରାଜ୍ୟ ସାଧାରଣ ସମ୍ପାଦକ କେଶବ ସିଂହ ଖୁଲମ୍‌ଖୁଲ୍ଲା ଘୋଷଣା କରିସାରିଛନ୍ତି । ଜେଡିୟୁ ପ୍ରମୁଖ ତଥା ବର୍ତ୍ତମାନର ବିହାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟରେ ବ୍ୟଥିତ ହୋଇ ଏନଡିଏ ସହଯୋଗୀ ଏଲ୍‌ଜେପି ଗତ ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିଥିଲା । କିନ୍ତୁ ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିଥିଲା । ଏହାକୁ ନେଇ ଏବେ ଏଲ୍‌ଜେପିରେ ଜୋରଦାର ଗୋଷ୍ଠୀକନ୍ଦଳ ଆରମ୍ଭ ହୋଇଯାଇଛି । ଦଳର ରାଜ୍ୟ ସାଧାରଣ ସମ୍ପାଦକ କେଶବ ସିଂହ ଅଧ୍ୟକ୍ଷ ଚିରାଗ ପାଶଓ୍ୱାନଙ୍କ ବିରୋଧରେ ପ୍ରଦର୍ଶନ ଆରମ୍ଭ କରିଛନ୍ତି । ଜାନୁଆରୀ ତୃତୀୟ ସପ୍ତାହରେ ଏଲ୍‌ଜେପି ଭାଙ୍ଗିବ ବୋଲି ମଧ୍ୟ ଦାବି କରିଛନ୍ତ । ଏହା ସହ ଏଲ୍‌ଜେପିରୁ ଅଲଗା ହୋଇ ରାମବିଳାସ ପାଶଓ୍ୱାନ ଦଳ କରିବା କଥା ମଧ୍ୟ କହିଛନ୍ତି କେଶବ ।

ଫେସ୍‌ବୁକ୍ ପୋଷ୍ଟରେ ନୂଆ ପାର୍ଟି ଗଠନ କରିବା ନେଇ ଘୋଷଣା କରିଛନ୍ତି କେଶବ । ପୋଷ୍ଟ ମାଧ୍ୟମରେ ୩୦ ଜିଲ୍ଲା ଅଧ୍ୟକ୍ଷ, ଜାତୀୟ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟଙ୍କୁ ନୂଆ ପାର୍ଟି ଗଠନ ହେବ ବୋଲି ଜଣାଇଛନ୍ତି କେଶବ ସିଂହ । ଏହା ସହ ସେ ଲେଖିଛନ୍ତି ଯଦି ମୁଁ ମୁହଁ ଖୋଲିବି ତେବେ ବହୁ ନେତା ଜେଲ୍‌ରେ ନଜର ଆସିବେ । ବିଧାନସଭା ନିର୍ବାଚନରେ ପରାଜୟ ମିଳିବା ପରେ ଚିରାଗ ପାଶଓ୍ୱାନ ଏଲ୍‌ଜେପିର ସମସ୍ତ ଜିଲ୍ଲା କମିଟି ଭଙ୍ଗ କରିଛନ୍ତି ।ଏଥିସହ ଦୁଇ ମାସ ଭିତରେ ନୂଆ କମିଟି ଗଠନ କରାଯିବ ବୋଲି ବୈଠକରେ ଘୋଷଣା କରିଛନ୍ତି ଚିରାଗ ପାଶଓ୍ୱାନ । ବିହାର ବିଧାନସଭା ନିର୍ବାଚନରେ ଏଲ୍‌ଜେପିକୁ ମିଳିଥିବା ପରାଜୟ ସମ୍ପର୍କରେ ଚିରାଗ ସମୀକ୍ଷା କରି ଏଭଳି ପଦକ୍ଷେପ ନେଇଛନ୍ତି ।

### ବିଶ୍ୱରେ ଭାରତୀୟ ଶିକ୍ଷକଙ୍କୁ ସମ୍ମାନ:

# 'ଗ୍ଲୋବାଲ୍ ଟିଚର' ପୁରସ୍କାର ଜିଣିଲେ ରଣଜୀତ, ମିଳିଲା ୭ କୋଟି ଟଙ୍କା



ମୁମ୍ବାଇ, ୪/୧୨ (ଏଜେନ୍ସି): ଶିକ୍ଷକ ହେବ ତ ଏମିତି ! ଭାରତୀୟ ଶିକ୍ଷକଙ୍କୁ ବିଶ୍ୱରେ ମିଳିଲା ସମ୍ମାନ । ଜଣେ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜିଣିଲେ ବୈଶିକ ଶିକ୍ଷକ (ଗ୍ଲୋବାଲ୍ ଟିଚର) ୨୦୨୦ ପୁରସ୍କାର । ଭାରତର ଶିକ୍ଷକଙ୍କୁ ଦୁନିଆର ସର୍ବଶ୍ରେଷ୍ଠ ଶିକ୍ଷକ ସମ୍ମାନ ମିଳିବା ଏହା ପ୍ରଥମ । ମହାରାଷ୍ଟ୍ର ସୋଲାପୁର ଜିଲ୍ଲା ପରିଷଦ ବିଦ୍ୟାଳୟର ଶିକ୍ଷକ ରଣଜୀତ ସିଂହ ଡିସଲେ । ୟୁନେସ୍କୋ ଓ ଲଣ୍ଡନ ସ୍ଥିତି ବାର୍ଫି ଫାଉଣ୍ଡେସନ୍ ଦ୍ୱାରା ରଣଜୀତଙ୍କୁ ଗ୍ଲୋବାଲ୍ ଟିଚର ପୁରସ୍କାର ପ୍ରଦାନ କରାଯାଇଛି । ଲଣ୍ଡନର ନ୍ୟାଚୁରାଲ୍ ହିଷ୍ଟ୍ରି ମ୍ୟୁଜିୟମ୍‌ରେ ଆୟୋଜିତ ସମାରୋହ ସମ୍ପନ୍ନ ହେବା ପରେ ବିଜେତାଙ୍କ ନାଁ ଘୋଷଣା କରିଥିଲେ ପ୍ରସିଦ୍ଧ ଅଭିନେତା ଷ୍ଟିଫେନ୍ ଫ୍ରାଏ ।

ଏହି ପ୍ରତିଯୋଗୀତାରେ ୧୪୦ ଦେଶର ୧୨ ହଜାର ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଝିଅମାନଙ୍କ ଶିକ୍ଷାକୁ ବୃଦ୍ଧି କରିବା (କ୍ୟୁଆର) ପାଠ୍ୟପୁସ୍ତକ କ୍ଷେତ୍ରରେ କ୍ରାନ୍ତି ଆଣିବା ପାଇଁ ରଣଜୀତଙ୍କୁ ଗ୍ଲୋବାଲ୍ ଟିଚର ପୁରସ୍କାରରେ ପୁରସ୍କୃତ କରାଯାଇଛ । ଏହା ସହ ତାଙ୍କୁ ୭ କୋଟି ଟଙ୍କା ମଧ୍ୟ ପ୍ରଦାନ କରାଯାଇଛି । ବାର୍ଫି ଫାଉଣ୍ଡେସନ୍ ୨୦୧୪ରେ ଏହି ପୁରସ୍କାର ସ୍ଥାପନ କରିଥିଲା । ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଯୋଗଦାନ ପାଇଁ ଶିକ୍ଷକଙ୍କୁ ଏହି ପୁରସ୍କାର ଦିଆଯାଏ । ତେବେ ରଣଜୀତଙ୍କୁ ଏଭଳି ଏକ ଉପଲବ୍ଧି ପାଇଁ ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# କେରଳ ଉପକୂଳକୁ ମୁହାଁଇଛି ସମୁଦ୍ରିକ ବାତ୍ୟା 'ବୁରେଭି'

*ତିରୁବନନ୍ତପୁରମ୍, ୪/୧୨ (ଏଜେନ୍ସି) : ଦକ୍ଷିଣ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ବୁରେଭି' ଉପକୂଳ ଅତିକ୍ରମ କରିବା ଆରମ୍ଭ କରିଛି । ଏହା ରାମନାଥପୁରମ ଓ ଟୁଥୁକୁଡି ଦେଇ ଭୂ-ଭାଗକୁ ପ୍ରବେଶ କରିବ । ଏହାର ପ୍ରଭାବରେ ଟୁଥୁକୁଡି, ତେରୁନେଲ ବେଲି, କନ୍ୟାକୁମାରୀ, କୁଡ୍ଡଲୋର ଓ ପୁଡୁଚେରୀ ସମେତ ଆଖପାଖ ଅଂଚଳରେ ଝଡ଼ ବତାସ ସାଙ୍ଗକୁ ବର୍ଷା ଆରମ୍ଭ ହୋଇଯାଇଛି । ଏ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ଙ୍କ ପକ୍ଷରୁ ଜାରି ବୁଲେଟିନ ଅନୁସାରେ ବୁରେଭି ପ୍ରଭାବରେ ଘଂଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବା ସହ ସ୍ଥଳ ବିଶେଷରେ ଘଂଟାପ୍ରତି ପବନର ବେଗ ୭୦ କିଲୋମିଟର ଛୁଇଁବ ବୋଲି ସତର୍କ କରାଇଛନ୍ତି । ବର୍ଷା ଓ ପବନକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ତିରୁଅନନ୍ତପୁରମ ବିମାନ ବନ୍ଦରକୁ ବିମାନ ଚଳାଚଳ ଲାଗି ବନ୍ଦ ଘୋଷଣା କରାଯାଇଛି । ଗୋଟିଏ ସପ୍ତାହ ମଧ୍ୟରେ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହା ଦ୍ୱିତୀୟ ଘୂର୍ଣ୍ଣିବାତ୍ୟା । ନଭେମ୍ବର ୨୩ ତାରିଖରେ ଆରବ ସାଗରରୁ ଉଠିଥିବା ସାମୁଦ୍ରିକ ବାତ୍ୟା 'ଗତି' ସୋମାଲିଆ ଉପକୂଳରେ ଭୂ-ଭାଗକୁ ପ୍ରବେଶ କରିଥିଲାୟ ସେହିପରି ନଭେମ୍ବର ୨୫ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା 'ନିଭାର' ପୁଡୁଚେରୀ ଉପକୂଳରେ ସ୍ଥଳଭାଗକୁ ପ୍ରବେଶ କରିବା ସହ ତାମିଲନାଡୁ ବ୍ୟାପକ କ୍ଷୟକ୍ଷତି କରିଥିଲା ।*



# ବିଦେଶ ଅପେକ୍ଷା ଭାରତରେ ଶସ୍ତାରେ ମିଳିବ କରୋନା ଟୀକା

*ନୂଆଦିଲ୍ଲୀ, ୪/୧୨ (ଏଜେନ୍ସି) : କରୋନା ମହାମାରୀ ସହ ବିଶ୍ୱ ଲଢୁଛିୟ ଏବେ ଅପେକ୍ଷା କରୋନା ଭ୍ୟାକସିନ୍ କେବେ ଆସିବ । ଇଂଲଣ୍ଡ ଓ ଋଷ ନିଜ ଦେଶରେ ଟିକାକରଣ ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ଏବେ ବି ଭାରତରେ କରୋନା ଟିକାର ଟ୍ରାଏଲ ଋଲିଛି । ଦେଶରେ ମୋଟ ୬ କରୋନା ଟିକାର ଟ୍ରାଏଲ୍ ଋଲିଥିବା ବେଳେ ମାର୍ଚ୍ଚ ସୁଦ୍ଧା ଭ୍ୟାକସିନ୍ ଲୋକମାନଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି ଆଶା କରାଯାଉଛି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ପ୍ରମୁଖ କମ୍ପାନୀର ଭ୍ୟାକ୍ସିନ୍ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ତେବେ ବିଦେଶ ଅପେକ୍ଷା ଭାରତରେ କରୋନା ଭ୍ୟାକ୍ସିନ ଶସ୍ତାରେ ମିଳିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସୂତ୍ରରୁ ପ୍ରକାଶ ।*